# ଅଧ୍ୟାୟ-୧୦

# ତଦାରଖ, ମୂଲ୍ୟାୟନ ଏବଂ ସମୀକ୍ଷା

## ୧୦.୧ ବିଭିନ୍ନ ସ୍ତରରେ ତଦାରଖ

୧୦.୧.୧ ଗ୍ରାମ ସ୍ତରରେ ସମସ୍ତ କାର୍ଯ୍ୟ ତଥା କାର୍ଯ୍ୟ ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ଭିତରୁ ପ୍ରତ୍ୟେକଙ୍କୁ ଯେଉଁ କର୍ମନିଯୁକ୍ତି ଯୋଗାଇ ଦିଆଯାଇଛି, ତାହାକୁ ଗ୍ରାମ ସଭା ତଦାରଖ କରିବ । ପଂଜିକରଣ ଏବଂ କାର୍ଯ୍ୟପତ୍ରର ନିର୍ଗମନ ତଥା ସମୟୋଚିତ ମଜୁରି ପଇଠକୁ ମଧ୍ୟ ଗ୍ରାମସଭା ତଦାରଖ କରିବ ।

୧୦.୧.୨ ଜନସଜାଗତା ଓ ତଦାରଖ କିମିଟିମାନ- ଯେଉଁ ଅଞ୍ଚଳରେ ବା ଗ୍ରାମରେ କାର୍ଯ୍ୟ ଚାଲୁଛି, ତହିଁର କେତେକ ଅଧିବାସୀଙ୍କୁ ନେଇ ପ୍ରତି କାର୍ଯ୍ୟ ସକାଶେ ଏକ ସ୍ଥାନୀୟ ଜନସଜାଗତା ଏବଂ ତଦାରଖ କମିଟି (ଭି.ଏମ୍.ସି.) ଗଠିତ ହେବା ଉଚିତ୍, ଯାହାର କାର୍ଯ୍ୟ ହେବ ସମ୍ପାଦିତ ହେଉଥିବା କାର୍ଯ୍ୟର ଅଗ୍ରଗତି ଓ ଗୁଣାତ୍ମକ ମାନଦଣ୍ଡର ତାଦାରଖ କରିବା । ପ୍ରତି ଭି.ଏମ୍.ସି.ରେ ନ ଜଣ ସଭ୍ୟ/ସଭ୍ୟା ରହିବେ । ଗ୍ରାମସଭା ଦ୍ୱାରା ସେମାନେ ନିର୍ବାଚିତ ହେବେ, ଏବଂ ଏହା ସୁନିଶ୍ଚିତ କରାଯିବ ଯେ, ଏସ୍.ସି. ଓ ଏସ୍.ଟି. ଗୋଷ୍ଠୀସମୂହ ତଥା ମହିଳାମାନଙ୍କର ପ୍ରତିନିଧି ସେମାନଙ୍କ ଭିତରେ ଅନ୍ତର୍ଭୁକ୍ତ ଥିବେ । ଏହାର ସଭ୍ୟା/ସଭ୍ୟାମାନଙ୍କ ଭିତରୁ ଅନ୍ୟୁନ ଶତକଡା ୫୦ଭାଗ ଏନ୍.ଆର୍.ଇ.ଜି.ଏ. ଶ୍ରମିକ ହୋଇଥିବେ । ଗୋଟିଏ ଭି.ଏମ୍.ସି.ର ସଭ୍ୟାସଭ୍ୟା ଗ୍ରାମସଭା ଦ୍ୱାରା ଗୋଟିଏ ବର୍ଷ ପାଇଁ ନିର୍ବାଚିତ ହେବେ । ଗ୍ରାମ ପଞ୍ଚାୟତ ବା କାର୍ଯ୍ୟନିର୍ବାହୀ ସଂସ୍ଥା ପ୍ରତି କାର୍ଯ୍ୟର ଅଟକଳ, ସମୟ-ସୀମା ଏବଂ ଗୁଣାତ୍ମକ ମାନଦଣ୍ଡ ସମ୍ବନ୍ଧରେ ଏହି କମିଟିକୁ ଅବଗତ କରାଇବେ । କାର୍ଯ୍ୟର ସମାପ୍ତି ପ୍ରମାଣପତ୍ର ସହିତ କମିଟି ଦ୍ୱାରା ପ୍ରସ୍ତୁତ କାର୍ଯ୍ୟର ଚୂଡାନ୍ତ ରିପୋର୍ଟ ସଂଲଗ୍ନ ହେବା ଆବଶ୍ୟକ ଏବଂ ଯେଉଁ ଗ୍ରାମପଞ୍ଚାୟତରେ କାର୍ଯ୍ୟଟି ସମ୍ପାଦିତ ହୋଇଥିବ ତହିଁର ଆଗାମୀ ଗ୍ରାମସଭା ବୈଠକରେ ତାହା ଉପସ୍ଥାପିତ ହେବ । ଏହି ରିପୋର୍ଟର ଏକ ନକଲ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟକୁ ମଧ୍ୟ ପଠାଯିବ । ସ୍ଥାନୀୟ ସ୍ତରରେ ଜନସଜାଗତା ଏବଂ ତଦାରଖ କମିଟିମାନ ଗଠନକୁ କାର୍ଯ୍ୟକ୍ରମ ଅଧିକାରୀ ସୁନିଶ୍ଚିତ କରିବେ । ଭି.ଏମ୍.ସି. ପ୍ରତି ଗ୍ରାମ ଅଧାରରେ କ୍ରିୟାଶୀଳ ରହିବ, କାର୍ଯ୍ୟକୁ ଆଧାର କରି ନୁହେଁ । ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା ଆୟୋଜନରେ ଏହା ସହାୟକର ଭୂମିକା ନେବ ।

୧୦.୧.୩ ନ୍ୟାଯ୍ୟ ପ୍ରାପ୍ୟଗୁଡିକ ପାଇଁ ସ୍ୱର ଉତ୍ତୋଳନ ପାଇଁ ସୂଚନା ହାସଲକୁ ସୁଗମ କରିବା ପାଇଁ ସ୍ଥାନୀୟ ହିତାଧିକାରୀ କମିଟିମାନ ଗଠିତ ହୋଇପାରେ ।

୧୦.୧.୪ଅନ୍ୟ କାର୍ଯ୍ୟକାରକ ସଂସ୍ଥାମାନଙ୍କ ଦ୍ୱାରା ସମ୍ପାଦିତ ହେଉଥିବା କାର୍ଯ୍ୟସମୂହ, କାର୍ଯ୍ୟସ୍ଥଳୀରେ ସେମାନଙ୍କ ଦ୍ୱାରା ଅନୁରକ୍ଷିତ ମଷ୍ଟର୍ ରୋଲ୍ ଏବଂ ସେମାନଙ୍କ ଦ୍ୱାରା ଦେୟପଇଠକୁ ଗ୍ରାମ ପଞ୍ଚାୟତ ତଦାରଖ କରିବ ।

୧୦.୧.୫ମଧ୍ୟବର୍ତ୍ତୀ ପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀ ତଦାରଖ କରିବେ- ପରିବାରଗୁଡିକର ପଂଜିକରଣ, ପ୍ରତ ଆବେଦକଙ୍କୁ ଯୋଗାଇ ଦିଆଯାଇଥିବା କର୍ମନିଯୁକ୍ତି, ପଇଠ ହୋଇଥିବା ବେକାରୀ ଭତ୍ତା, ସାମାଜିକ ସମୀକ୍ଷା, ପାଣ୍ଠି ପ୍ରବାହ, ସମୟୋଚିତ ଏବଂ ଯଥୋଚିତ ମଜୁରି ପଇଠ ଏବଂ କାର୍ଯ୍ୟଗୁଡିକର ଅଗ୍ରଗତି ଏବଂ ଗୁଣାତ୍ମକ ମାନ । କାର୍ଯ୍ୟକ୍ରମ ଅଧିକାରୀ ସମସ୍ତ ବିବରଣୀ ଏବଂ ସୂଚନା ଫର୍ଦ୍ଦକୁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟକୁ ପଠାଇବା ପାଇଁ ଉତ୍ତରଦାୟୀ ରହିବେ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏହିସବୁ ଦଲିଲ୍‌କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବେ ।

୧୦.୧.୬ଜିଲ୍ଲା ପଞ୍ଚାୟତ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ କାର୍ଯ୍ୟାନ୍ୱୟନର ସମସ୍ତ ଦିଗକୁ ତଦାରଖ କରିବେ, ଯେଉଁ ଭିତରେ ଅନ୍ତର୍ଭୁକ୍ତ ରହିଛି, ପଂଜିକରଣ, ବେକାରୀ ଭତ୍ତା, ସାମାଜିକ ସମୀକ୍ଷା, ପାଣ୍ଠି ପ୍ରବାହ, କାର୍ଯ୍ୟସମୂହର ଅଗ୍ରଗତି ଏବଂ ଗୁଣାତ୍ମକ ମାନ, କାର୍ଯ୍ୟାନ୍ୱୟନର ଗୁଣାତ୍ମକ ଦିଗସମୂହ, ସମୟୋଚିତ ଏବଂ ଯଥୋଚିତ ମଜୁରି ପଇଠ ଏବଂ ବେକାରୀ ଭତ୍ତାର ସମୟୋଚିତ ଆବଣ୍ଟନ ।

୧୦.୧.୭ଜାତୀୟ ତଦାରଖ ପ୍ରଣାଳୀ, ରାଜ୍ୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ଏବଂ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦଙ୍କ ନର୍ଦ୍ଦେଶାବଳୀରେ କାର୍ଯ୍ୟାନ୍ୱୟନର ଗୁଣ ଏବଂ ଗତିବେଗ ବିଷୟରେ ଯାହା ସୂଚୀତ ହୋଇଛି, ସେହି ଭିତ୍ତିରେ ସମସ୍ତ ଜିଲ୍ଲାମାନଙ୍କର କାର୍ଯ୍ୟଧାରାକୁ ରାଜ୍ୟ ସରକାର ତଦାରଖ କରିବେ । ରାଜ୍ୟ ସରକାର ସମସ୍ତ ବିବରଣୀ ଏବଂ ସୂଚନା ଫର୍ଦ୍ଦଗୁଡିକୁ ଏକତ୍ର କରି କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବେ ।

୧୦.୧.୮କେନ୍ଦ୍ର ସରକାର ଆଭ୍ୟନ୍ତରୀଣ ଏବଂ ବାହ୍ୟ ତଦାରଖକାରୀ ସଂସ୍ଥାସମୂହଙ୍କ ଜରିଆରେ ଏକ ତଦାରଖ ବ୍ୟବସ୍ଥା ପ୍ରତିଷ୍ଠା କରିବେ । କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଏକ କେନ୍ଦ୍ରୀୟ ତଦାରଖ ଓ ମୂଲ୍ୟାୟନ ବ୍ୟବସ୍ଥା ଗଢି ତୋଳିବେ ।

**୧୦.୨ କାର୍ଯ୍ୟକ୍ରମର ନିମ୍ନୋକ୍ତ ଦିଗଗୁଡିକ ସମସ୍ତ ସ୍ତରରେ ତଦାରଖ କରାଯିବ:**

(୧) ବିଶେଷ କରି କାର୍ଯ୍ୟପତ୍ରଧାରୀ (ଜବ୍ କାର୍ଡ ହୋଲଡର୍ )ମାନଙ୍କ ମଧ୍ୟରେ ଆଇ.ଇ.ସି. (ସୂଚନା, ପ୍ରଶିକ୍ଷଣ ଏବଂ ପ୍ରସାରଣ) କାର୍ଯ୍ୟକ୍ରମ ଗୁଡିକ କେତେଦୂର ଫଳପ୍ରଦ ଏବଂ ସୁଦୂରପ୍ରସାରୀ ।

(୨) ପଞ୍ଜିକରଣ ପାଇଁ ଦରଖାସ୍ତ ଏବଂ ପଂଜିକରଣ ପାଇଁ ଯାଞ୍ଚ ପ୍ରକ୍ରିୟା ।

(୩) କାର୍ଯ୍ୟପତ୍ରଗୁଡିକର ଆବଣ୍ଟନ ପାଇଁ କେତେ ସମୟ ନିଆଯାଇଛି ।

(୪) କାର୍ଯ୍ୟ ପାଇଁ ଦରଖାସ୍ତ

(୫) ତାରିଖ ବହନ କରିଥିବା ରସିଦ୍ ପ୍ରଦାନ ।

(୬) ପନ୍ଦର ଦିନ ଭିତରେ କାର୍ଯ୍ୟ ଆବଣ୍ଟନ ।

(୭) କାର୍ଯ୍ୟସ୍ଥଳୀରେ ନିର୍ଭୁଲ୍ ଏବଂ ସଦ୍ୟାକୃତ ମଷ୍ଟର୍ ରୋଲ୍‌ଗୁଡିକର ଅନୁରକ୍ଷଣ ।

(୮) କାର୍ଯ୍ୟର ଗୁଣାତ୍ମକ ମାନଦଣ୍ଡ ।

(୯) ସଂପାଦିତ କାର୍ଯ୍ୟର ମାପଚୁପ୍ ଏବଂ ମାପବହିର ଅନୁରକ୍ଷଣ ।

(୧୦) ଠିକ ସମୟରେ ଠିକ୍ ପରିମାଣର ମଜୁରି ପଇଠ ।

(୧୧) କାର୍ଯ୍ୟପତ୍ରରେ ତଥ୍ୟ ଦରଜ ।

(୧୨) ମାର୍ଗଦର୍ଶୀକାରେ ବିହିତ ହୋଇଥିବା ରେକର୍ଡ ଗୁଡିକର ଅନୁରକ୍ଷଣ ।

(୧୩) ଅଭିଯୋଗର ପ୍ରତିକାର ।

(୧୪) ପାଣ୍ଠିର ବିନିଯୋଗ ।

(୧୫) ସାମାଜିକ ସମୀକ୍ଷାର ଆୟୋଜନ ।

**୧୦.୩ ତଦାରଖର ପଦ୍ଧତିସମୂହ:**

**୧୦.୩.୧** ତ୍ରୈମାସିକ ଭିତ୍ତିରେ ସରକାରୀ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା କ୍ଷେତ୍ରୀୟ ସ୍ତରରେ କାର୍ଯ୍ୟଗୁଡିକର ଆଭ୍ୟନ୍ତରୀଣ ଯାଞ୍ଚ ପାଇଁ ନିମ୍ନୋକ୍ତ ଲକ୍ଷ୍ୟମାନ ଧାର୍ଯ୍ୟ କରାଯାଉଛି –

- ବ୍ଲକ୍ ସ୍ତରରେ ଶତକଡା ୧୦୦ କାର୍ଯ୍ୟ
- ଜିଲ୍ଲା ସ୍ତରରେ ଶତକଡା ୧୦ କାର୍ଯ୍ୟ
- ରାଜ୍ୟ ସ୍ତରରେ ଶତକଡା ୨ କାର୍ଯ୍ୟ

୧୦.୩.୨ କେନ୍ଦ୍ର, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ବାହ୍ୟ ତଦାରଖ ସଂସ୍ଥାମାନଙ୍କ ଦ୍ୱାରା ଯାଞ୍ଚ ଏବଂ ଗୁଣାତ୍ମକ ସମୀକ୍ଷା ନିଶ୍ଚିତ ରୂପେ କରାଯିବ । ଏହି ଉଦ୍ଦେଶ୍ୟରେ କେନ୍ଦ୍ରୀୟ ପରିଷଦର ଅନୁମୋଦନ କ୍ରମେ ଜାତୀୟ ସ୍ତରରେ ଜାତୀୟ ଗୁଣ ତଦାରଖ-କର୍ତ୍ତା (ଏନ୍.କ୍ୟୁ.ଏମ୍.)ଙ୍କୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପଦନାମିତ କରିପାରନ୍ତି । ସେହିପରି ରାଜ୍ୟ ପରଷଦଙ୍କ ଅନୁମୋଦନ କ୍ରମେ ରାଜ୍ୟ ସ୍ତରରେ ରାଜ୍ୟ ଗୁଣ ତଦାରଖ-କର୍ତ୍ତା (ଏସ୍.କ୍ୟୁ.ଏମ୍.)ଙ୍କୁ ରାଜ୍ୟ ସରକାର

ପଦନାମିତ କରିପାରନ୍ତି । ଜିଲ୍ଲା ଦ୍ୱାରା ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଗୁଣ ତଦାରଖ-କର୍ତ୍ତାଙ୍କୁ ମଧ୍ୟ ଚିହ୍ନଟ କରାଯିବ । ଗୁଣ ତଦାରଖ-କର୍ତ୍ତାଙ୍କ ପ୍ରସଙ୍ଗ-ସୂଚୀ କ'ଣ ହେବ, ତାହା ରାଜ୍ୟ ସରକାରମାନଙ୍କ ଉପଯୋଗ ପାଇଁ କେନ୍ଦ୍ର ସରକାର ସ୍ଥୂଳ ଭାବେ ନିର୍ଦ୍ଧାରଣ କରିପାରନ୍ତି ।

୧୦.୩.୩ କାର୍ଯ୍ୟକ୍ରମ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟ ସ୍ତର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷଗଣ କେନ୍ଦ୍ରୀୟ ମନ୍ତ୍ରଣାଳୟ ଦ୍ୱାରା ଏନ୍.ଆର୍.ଇ.ଜି.ଏ. ପାଇଁ ପ୍ରଣୀତ ହୋଇଥିବା ଅନ୍‌ଲାଇନ୍ ଏମ୍.ଆଇ.ଏସ୍. ବ୍ୟବସ୍ଥା (www.nrega.nic.in) ଜରିଆରେ ନିୟମିତ ଭାବେ ନିଜର ରିପୋର୍ଟ ପ୍ରେରଣ କରିବେ ।

୧୦.୩.୪ ସ୍କିମ୍‌ର ସାମଗ୍ରୀକ ଓ କ୍ରମାଗତ ମୂଲ୍ୟାୟନକୁ ସୁନିଶ୍ଚିତ କରିବା ପାଇଁ କ୍ଷେତ୍ର ପରିଦର୍ଶନ, ନିରୀକ୍ଷଣ ଏବଂ ନମୂନା ଯାଞ୍ଚ (ଆଭ୍ୟନ୍ତରୀଣ ଏବଂ ବାହ୍ୟିକ ଭିତ୍ତିରେ) ନିୟମିତ ଭାବେ ଆୟୋଜନ କରିବାକୁ ପଡିବ ।

## ୧୦.୪ ମୂଲ୍ୟାୟନ

ଏନ୍.ଆର୍.ଇ.ଜି.ଏ.ର ଲକ୍ଷ୍ୟ ହେଉଛି, "ଦୀର୍ଘସ୍ଥାୟୀ ସମ୍ପଦସମୂହର ସୃଷ୍ଟି ଏବଂ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କର ଜୀବିକା ହାସଲ ପାଇଁ ସାଧନ-ପ୍ରବାହକୁ ଶକ୍ତିଶାଳୀ କରିବା" (ଦ୍ରଷ୍ଟବ୍ୟ- ଅନୁସୂଚୀ୧ର ବିନ୍ଦୁ-୨) । ଏନ୍.ଆର୍.ଇ.ଜି.ଏ ଅଧୀନରେ ହେଉଥିବା ଅର୍ଥନିବେଶ ଫଳରେ କର୍ମସଂସ୍ଥାନ ଓ କ୍ରୟକ୍ଷମତା ସୃଷ୍ଟି, ଆର୍ଥିକ ଉତ୍ପାଦନଶୀଳତାର ବୃଦ୍ଧି, ଶ୍ରମଶକ୍ତିରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ, ଦୀର୍ଘସ୍ଥାୟୀ ସଂପଦରାଜିର ସୃଷ୍ଟି ଜରିଆରେ ଗ୍ରାମାଞ୍ଚଳ ଭିତ୍ତିସଂରଚନାର ସୁଦୃଢ଼ୀକରଣ, ଅଭାବୀ ଦେଶାନ୍ତରକୁ ହ୍ରାସ ତଥା ପ୍ରାକୃତିକ ସମ୍ବଳସମୂହର ପୁନଃସର୍ଜନା ସମ୍ଭବ ହୋଇପାରିବ । ସୁତରାଂ ଏନ୍.ଆର୍.ଇ.ଜି.ଏସ୍. ପାଇଁ ଅର୍ଥଲଗାଣକୁ ସୁଫଳରେ ପରିଣତ କରିବା ଜରୁରୀ । ସୁନିର୍ଦ୍ଦିଷ୍ଟ ଏନ୍.ଆର୍.ଇ.ଜି.ଏସ୍. କାର୍ଯ୍ୟଗୁଡିକର ନିୟମିତ ମଲ୍ୟାୟନ ଏବଂ ନମୂନା ସମୀକ୍ଷଣ ଆୟୋଜନ କରି ଏହାର ଫଳାଫଳଗୁଡିକୁ ଆକଳନ କରାଯିବା ଉଚିତ୍ ।

୧୦.୪.୧ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଦ୍ୱାରା ଜିଲ୍ଲା-ଓ୍ୱାରି ଅନୁଧ୍ୟାନ ପରିଚାଳିତ ବା ସମ୍ପାଦିତ ହୋଇପାରେ । ବ୍ଲକ୍-ଓ୍ୱାରି ମୂଲ୍ୟାୟନ ଅନୁଧ୍ୟାନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ଦ୍ୱାରା ପରିଚାଳିତ ବା ସମ୍ପାଦିତ ହୋଇପାରେ ।

୧୦.୪.୨ ବିଶିଷ୍ଟ ଗବେଷଣା ସଂସ୍ଥା ଗୁଡିକୁ ଏହି ପ୍ରକ୍ରିୟାରେ ଜଡିତ କରିବା ପାଇଁ ଏସ୍.ଇ.ଜି.ଏସ୍. ପ୍ରୟାସ ଜାରି ରଖିବ । ସମସ୍ତ ମୂଲ୍ୟାୟନକାରୀ ସଂସ୍ଥାମାନେ ଏସ୍.ଇ.ଜି.ଏସ୍. ଦ୍ୱାରା ଅନୁମୋଦିତ ହେବା ଉଚିତ୍ ।

୧୦.୪.୩ ଏନ୍.ଆର୍.ଇ.ଜି.ଏସ୍.ର ଆକଳନ ପାଇଁ ମାନଦଣ୍ଡ ସମେତ ମୂଲ୍ୟାଙ୍କନ ଅନୁଧ୍ୟାନ ପାଇଁ ସ୍ଥୂଳ ମାର୍ଗଦର୍ଶୀକା ଏସ୍.ଇ.ଜି.ଏସ୍. ଦ୍ୱାରା ପ୍ରଣୀତ ହେବା ଉଚିତ୍ ।

୧୦.୪.୪ ବିଶିଷ୍ଟ ଗବେଷଣା ସଂସ୍ଥାମାନଙ୍କ ସହଯୋଗରେ ଏସ୍.ଇ.ଜି.ଏସ୍. ନିଜର ମୂଲ୍ୟାୟନ ପଦ୍ଧତିର ରୂପରେଖର ବିକାଶ ଘଟାଇବ ଏବଂ ଅନ୍ୟ ସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ ମୂଲ୍ୟାୟନକୁ ସମୀକ୍ଷା କରିବ । ଯୋଜନା ପ୍ରସ୍ତୁତି, ତଦାରଖ କିମ୍ବା କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ନୂଆନୂଆ ପରୀକ୍ଷାଗୁଡିକ ଉପରେ ଏହି ମୂଲ୍ୟାୟନ ଅଧ୍ୟୟନଗୁଡିକ ଆଲୋକପାତ କରିବ । ଏହି ଅନୁଧ୍ୟାନଗୁଡିକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ ଏବଂ ସେମାନେ ଏଗୁଡିକୁ ସମୀକ୍ଷା କରିବା ସହିତ ରାଜ୍ୟର ଅନ୍ୟ ଅଞ୍ଚଳଗୁଡିକରେ ତଥା ଜାତୀୟ ସ୍ତରରେ ପ୍ରସାରଣ କରିବେ ।

୧୦.୪.୫ କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ଭିତ୍ତି କରି ବିଭିନ୍ନ ସଂସ୍ଥା ଦ୍ୱାରା ମୂଲ୍ୟାଙ୍କନ ଆୟୋଜିତ ହେବା ଉଚିତ୍ । ମୂଲ୍ୟାଙ୍କନର ମାନଦଣ୍ଡଗୁଡିକ ଭିତରେ ଉପର ସୂଚୀତ ଅନୁଚ୍ଛେଦ ୧୦.୨ରେ ସ୍ଥାନିତ ହୋଇଥିବା ତଦାରଖ ପାଇଁ ମାନଦଣ୍ଡସମୂହ ଅନ୍ତର୍ଭୁକ୍ତ ହୋଇପାରେ ।

୧୦.୪.୬ ମୂଲ୍ୟାୟନ ଅନୁଧ୍ୟାନଗୁଡିକର ତଥ୍ୟାବଳୀକୁ ଏସ୍.ଇ.ଜି.ଏସ୍., ଜିଲ୍ଲା ପଞ୍ଚାୟତ ଏବଂ ଅନ୍ୟ ସଂସ୍ଥାମାନେ ସଂଶୋଧନାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବହାର କରିବା ଉଚିତ୍ ।